## ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ

## ଡବ୍ଲ୍ୟୁ.ପି. (ସି) ସଂଖ୍ୟା 20392/2023

(ଭାରତର ସମ୍ବିଧାନର, 1950 ର ଧାରା 226 ଏବଂ 227 ଅନ୍ତର୍ଗତ ଏକ ଆବେଦନ ପ୍ରସଙ୍ଗରେ)

*ଅମରନାଥ ପ୍ରଧାନ* .... *ଆବେଦନକାରୀ (ମାନେ)*

*-ବନାମ -*

*ପ୍ରବୀର କୁମାର ଦେ ଏବଂ ଅନ୍ୟମାନେ* .... *ପ୍ରତିପକ୍ଷ(ମାନେ)*

ଅଧିବକ୍ତାମାନେ ଏହି ମାମଲାରେ ସଂଯୁକ୍ତ ପ୍ରଣାଳୀ ମାଧ୍ୟମରେ ହାଜର ହୋଇଥିଲେ:

*ଆବେଦନକାରୀ(ମାନ)ଙ୍କ ପାଇଁ* : *ଶ୍ରୀ ପ୍ରଫୁଲ୍ଲ କୁମାର ରଥ, ବରିଷ୍ଠ ଅଧିବକ୍ତାଙ୍କ ସହିତ ଶ୍ରୀଯୁକ୍ତ ଏସ୍. ରଥ, ଅଧିବକ୍ତା*

*ପ୍ରତିପକ୍ଷ(ମାନ)ଙ୍କ ପାଇଁ* : *ଶ୍ରୀଯୁକ୍ତ କରୁଣାକର ଜେନା, ଅଧିବକ୍ତା*

**ପୀଠାସୀନ:**

**ଡକ୍ଟର ଏସ୍.କେ. ପାଣିଗ୍ରାହୀ, ନ୍ୟାୟମୂର୍ତ୍ତି**

**ଶୁଣାଣି ତାରିଖ:-01.09.2023**

**ରାୟ ତାରିଖ:-20.11.2023**

*ଡକ୍ଟର ଏସ୍.କେ. ପାଣିଗ୍ରାହୀ, ନ୍ୟାୟମୂର୍ତ୍ତି*

**1.** ଆବେଦନକାରୀ ଏହି ରିଟ୍ ଆବେଦନ ମାଧ୍ୟମରେ ସଭାପତି, ରାଜ୍ୟ ଖାଉଟି ବିବାଦ ପ୍ରତିକାର ଆୟୋଗ, ଓଡ଼ିଶା, କଟକଙ୍କ ଦ୍ୱାରା ସି.ସି. ସଂଖ୍ୟା 24/2021 ରେ ପାରିତ ହୋଇଥିବା 22.06.2023 ର ଆଦେଶକୁ ଆପତ୍ତି କରିଛନ୍ତି, ଯାହା ସମ୍ପୂର୍ଣ୍ଣ ଅଧିକାରିତା ବିହୀନ, ବେଆଇନ ଏବଂ ଆଇନ ଦୃଷ୍ଟିରେ ଅଧାରଣକ୍ଷମ ।

**I. ମାମଲାର ତଥ୍ୟ ଗୁଚ୍ଛ:**

**2.** ଆବେଦନକାରୀଙ୍କ ମୃତ ପୁଅ ଏକକ ସ୍ୱତ୍ୱାଧିକାରୀ ଥାଇ ଚିପ୍ସ, ବାଲି ଏବଂ ପଥର ପରି ନିର୍ମାଣ ସାମଗ୍ରୀ ଯୋଗାଇବା ଏବଂ ଓ. ପି. ଙ୍କୁ ଭଡ଼ାରେ ଯନ୍ତ୍ରପାତି ଯୋଗାଇବା ପାଇଁ ଏକ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ । ଓ.ପି. ସମୁଦାୟ

HIGH COURT ORISSA

ଟ.1,03,08,600/-ର ଅତ୍ୟଧିକ ଅର୍ଥ ପ୍ରଦାନ କରିଥିଲେ । ତେଣୁ ସେହି ଏକକ ସ୍ୱତ୍ୱାଧିକାରୀ ବିଭିନ୍ନ ପରିମାଣର ଏବଂ ବିଭିନ୍ନ ତାରିଖର 3 ଟି ଆଗିଲା ତାରିଖଯୁକ୍ତ ଚେକ୍, ଏହାର ପରିଶୋଧ ପାଇଁ ଜାରି କରିଥିଲେ ।

3. ଦୁର୍ଭାଗ୍ୟବଶତଃ, ଆବେଦନକାରୀଙ୍କ ପୁଅ/ଏକକ ସ୍ୱତ୍ୱାଧିକାରୀ ଏକ ଦୁଃଖଦ କାର ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ । ଓ.ପି ବ୍ୟାଙ୍କ ନିକଟରେ ଏହିପରି ଆଗିଲା ତାରିଖ ଯୁକ୍ତ ଚେକ୍ ଉପସ୍ଥାପନ କରିବାରୁ, "ଅପର୍ଯ୍ୟାପ୍ତ ପାଣ୍ଠି" ଏବଂ "ଅନ୍ୟ ଗ୍ରାହକ ମୃତ" ଆଧାରରେ ତାହା ଅଗ୍ରାହ୍ୟ ହୋଇ ଫେରିଥିଲା ।

4. ଓ.ପି ବିନିମୟଯୋଗ୍ୟ ବିଲେଖ ଅଧିନିୟମ, 1881 ର ଧାରା 138 (b) ଅନ୍ତର୍ଗତ ବର୍ତ୍ତମାନର ଆବେଦନକାରୀଙ୍କୁ ନୋଟିସ୍ ଜାରି କରିଥିଲେ, ଯଦିଓ ବର୍ତ୍ତମାନର ଆବେଦନକାରୀ ଚେକ୍ ର ପ୍ରବର୍ତ୍ତକ ନୁହଁନ୍ତି କିମ୍ବା ଚୁକ୍ତିରେ ଦସ୍ତଖତ କରିନାହାଁନ୍ତି କିମ୍ବା ଓ. ପି ସହିତ କ୍ରେତା ବିକ୍ରେତା ସମ୍ପର୍କ ରଖିନାହାଁନ୍ତି । ଏହା ପରେ ଓ. ପି ରାଜ୍ୟ ଖାଉଟି ବିବାଦ ପ୍ରତିକାର ଆୟୋଗ, ଓଡ଼ିଶାଙ୍କ ନିକଟରେ ବିଧିବଦ୍ଧ ଅଭିଯୋଗ ସଂଖ୍ୟା 24/2021 ଦାଖଲ କରି ମୋଟ 1,05,08,600/- ଟଙ୍କା ଦାବି କରିଥିଲେ ।

5. ଉକ୍ତ ଅଭିଯୋଗ ଆବେଦନ ଉପରୋକ୍ତ ବିଚାରପୀଠ ସମ୍ମୁଖରେ ଗ୍ରହଣ ଯୋଗ୍ୟ ହୋଇନଥିବା ସତ୍ତ୍ୱେ, 22.06.2022 ତାରିଖର ଆଦେଶ ମାଧ୍ୟମରେ ଏହାକୁ ଅନୁମତି ଦିଆଯାଇଥିଲା । ତେଣୁ ଏହାକୁ ଆପତ୍ତି କରି ଏହି ରିଟ୍ ଦାଖଲ କରାଯାଇଛି ।

**II. ଆବେଦନକାରୀଙ୍କ ଉପସ୍ଥାପନାଗୁଡ଼ିକ:**

6. ଆବେଦନକାରୀ(ମାନ)ଙ୍କ ପାଇଁ ବିଜ୍ଞ ଅଧିବକ୍ତା ତାଙ୍କ ଯୁକ୍ତିକୁ ସମର୍ଥନ କରି ଆନ୍ତରିକତାର ସହ ନିମ୍ନଲିଖିତ ଉପସ୍ଥାପନାଗୁଡ଼ିକ କରିଛନ୍ତି:

7. ଔପଚାରିକ ପ୍ରତିପକ୍ଷ ସଂଖ୍ୟା 3 ପୂର୍ବରୁ ମୃତ ହୋଇଥିବାରୁ, ଆକ୍ଷେପିତ ଆଦେଶଟି ଜଣେ ମୃତ ବ୍ୟକ୍ତିଙ୍କ ବିରୋଧରେ ରହିଛି । ତେଣୁ, ଆକ୍ଷେପିତ ଆଦେଶ ଆଇନ ଦୃଷ୍ଟିରେ ଅସିଦ୍ଧ ଅଟେ । ବିଜ୍ଞ ଆୟୋଗ ଏହା ତର୍ଜମା କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିଲେ ଯେ, ଔପଚାରିକ ପ୍ରତିପକ୍ଷ ସଂଖ୍ୟା 3 ଉପଯୁକ୍ତ ବର୍ଣ୍ଣନା ଅଭାବରୁ ଅଭିଯୋଗଟି ଆଦୌ ଗ୍ରହଣ ଯୋଗ୍ୟ ନୁହେଁ ଏବଂ ତେଣୁ ଆକ୍ଷେପିତ ଆଦେଶ ରଦ୍ଦ କରାଯିବା ଯୋଗ୍ୟ ।

8. ବର୍ତ୍ତମାନର ଆବେଦନକାରୀଙ୍କର ଅଧିକାର ଦୃଷ୍ଟେ ଉପସ୍ଥାପିତ ଅଭିଯୋଗଟି ଖାଉଟି ଏବଂ ବିବାଦର ସଂଜ୍ଞା ମଧ୍ୟରେ ଆସୁଛି କି ନାହିଁ ଏବଂ ତାହାର ଗ୍ରହଣୀୟତା ପ୍ରସଙ୍ଗ ଉପରେ ବିଚାର କରିବାରେ ଆୟୋଗ ଶୋଚନୀୟ ଭାବରେ ବିଫଳ ହୋଇଥିଲେ । ଆବେଦନକାରୀ କୌଣସି ଆରୋପିତ ଚୁକ୍ତିର ପକ୍ଷ ବା ଚେକ୍ ସ୍ୱାକ୍ଷରକାରୀ ନୁହଁନ୍ତି । ତାଙ୍କର

HIGH COURT
सत्यमेव जयते
ORISSA

ଔପଚାରିକ ପ୍ରତିପକ୍ଷ ସଂଖ୍ୟା 3ଙ୍କର ବ୍ୟବସାୟ ସହିତ କୌଣସି ସମ୍ପର୍କ ନଥିବା ବେଳେ, ପ୍ରତିପକ୍ଷ ସଂଖ୍ୟା 1ଙ୍କ ତରଫରୁ ତାଙ୍କ ଉପରେ ଦାୟିତ୍ୱ ଲଦିଦିଆ ଯାଇନପାରେ ।

**9.** ଜଣେ ଅଭିଯୋଗକାରୀ ଭାବେ ପ୍ରତିପକ୍ଷ ସଂଖ୍ୟା 1, ଖାଉଟି ବିବାଦ ପ୍ରତିକାର ଆୟୋଗ, ଓଡ଼ିଶା, କଟକଙ୍କ ସମ୍ମୁଖରେ ଟ. 1,03,08,600/- ବକେୟା ଏବଂ ଅନ୍ୟାନ୍ୟ ଦେୟ ପରିଶୋଧ କରିବା ପାଇଁ ଅନୁରୋଧ କରି ସି. ସି. ମାମଲା ସଂଖ୍ୟା 24/2021ଦାଖଲ କରିଥିଲେ । ଅଭିଯୋଗକାରୀଙ୍କର ଆରୋପ ଥିଲା ଯେ, ଦେବବ୍ରତ ଅମରନାଥ ଯିଏ ଔପଚାରିକ ପ୍ରତିପକ୍ଷ ସଂଖ୍ୟା 3ର ସ୍ୱତ୍ୱାଧିକାରୀ, ତାଙ୍କ ସହ ଚିପ୍ ଏବଂ ଧାତୁ କ୍ରୟ ପାଇଁ ତାଙ୍କର କିଛି ନେଣଦେଣ ଥିଲା, ଯେଉଁଥିପାଇଁ କାରବାର ହୋଇଥିଲା । ଏହା ମଧ୍ୟ ଅଭିଯୋଗ ହୋଇଛି ଯେ, 1,03,08,600/- ଟଙ୍କା ଅଧିକ ପ୍ରଦାନ କରାଯାଇଥିଲା । ଔପଚାରିକ ପ୍ରତିପକ୍ଷ ସଂଖ୍ୟା 3 ତିନୋଟି ଚେକ୍ ଆଧାରରେ ଉପରୋକ୍ତ ରାଶି ଫେରସ୍ତ କରିଥିଲେ । କିନ୍ତୁ ଦୁର୍ଭାଗ୍ୟବଶତଃ ଉକ୍ତ ଔପଚାରିକ ପ୍ରତିପକ୍ଷ ସଂଖ୍ୟା 3ଙ୍କର 17.10.2020 ରେ ଏକ ଦୁର୍ଭାଗ୍ୟଜନକ କାର ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା । ଔପଚାରିକ ପ୍ରତିପକ୍ଷ ସଂଖ୍ୟା 3ଙ୍କର ମୃତ୍ୟୁ ପରେ, ବ୍ୟାଙ୍କରେ ଉପସ୍ଥାପିତ ହୋଇଥିବା ଚେକ୍ ଫେରସ୍ତ ହୋଇଥିଲା । ପରବର୍ତ୍ତୀ ସମୟରେ ତାହାକୁ, ବର୍ତ୍ତମାନର ଖାଉଟି ଅଭିଯୋଗ ସଂଖ୍ୟା 24/2021 ଉପରୋକ୍ତ ପ୍ରାର୍ଥନା ସହିତ ଦାଖଲ କରାଯାଇଥିଲା ।

**10.** ଯଦିଓ ଆୟୋଗ ନିର୍ଦ୍ଦିଷ୍ଟ ଭାବେ ଜାଣିବାକୁ ପାଇଛନ୍ତି ଯେ, ଅଭିଯୋଗକାରୀ କ୍ରେତା ଏବଂ ବିକ୍ରେତାଙ୍କ ପ୍ରସଙ୍ଗରେ ମୌଳିକ କାରବାରକୁ ପ୍ରମାଣ କରିବା ପାଇଁ କୌଣସି ଦସ୍ତାବିଜ ଦାଖଲ କରିନାହାଁନ୍ତି, ତଥାପି ଦର୍ଶାଇଛନ୍ତି ଯେ, ଅଭିଯୋଗକାରୀ ବର୍ତ୍ତମାନର ଆବେଦନକାରୀଙ୍କ ଠାରୁ କ୍ଷତିପୂରଣ ଦାବି କରିବାକୁ ହକଦାର, ଯିଏକି ସ୍ୱର୍ଗତ ଦେବବ୍ରତ ଅମରନାଥଙ୍କ ପିତା ଅଟନ୍ତି । ଅଭିଯୋଗକାରୀ ଅଭିଯୋଗ ହୋଇଥିବା କାରବାର କିମ୍ବା ବ୍ୟବସାୟରେ ଆବେଦନକାରୀଙ୍କ ସମ୍ପୃକ୍ତିକୁ ଦର୍ଶାଉଥିବା ଗୋଟିଏ ଫର୍ଦ୍ଦ କାଗଜ ଦାଖଲ କରିନାହାନ୍ତି ବା କିଛି ପ୍ରମାଣ କରିନାହାନ୍ତି ।

**11.** ଔପଚାରିକ ପ୍ରତିପକ୍ଷ ସଂଖ୍ୟା 3ଙ୍କର ସଠିକ ବର୍ଣ୍ଣନା କରାଯାଇନାହିଁ । ଏହାଙ୍କୁ କେବଳ ଏକକ ସ୍ୱତ୍ୱାଧିକାରୀ ଭାବେ ବର୍ଣ୍ଣନା କରାଯାଇଥିଲା ଏବଂ ଖାଉଟି ଅଭିଯୋଗ ଦାଖଲ କରିବା ତାରିଖ ସୁଦ୍ଧା ଉକ୍ତ ସ୍ୱତ୍ୱାଧିକାରୀଙ୍କର ମୃତ୍ୟୁ ହୋଇସାରିଥିଲା । ତେଣୁ, ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଯାହା ବିଚାରକୁ ଆସେ ତାହା ହେଉଛି ଯେ, ଜଣେ ମୃତ ବ୍ୟକ୍ତିଙ୍କ ସହିତ ଜଡ଼ିତ ଅଭିଯୋଗ ଏହାର ଆରମ୍ଭରୁ ଗ୍ରହଣ ଯୋଗ୍ୟ ନଥିଲା । ତେବେ, ଆୟୋଗ, ଏହି ଦିଗକୁ ବିଚାର କରିବାରେ ବିଫଳ ହୋଇ ଦର୍ଶାଇଛନ୍ତି ଯେ, ସି.ସି. ମାମଲାଟି ଗ୍ରହଣଶୀଳ ଏବଂ ଅଭିଯୋଗ ଦାବିର ରାଶି 9% ସୁଧ ସହିତ ଟ. 96,00,000/- ଏବଂ ମାନସିକ ଯନ୍ତ୍ରଣା ପାଇଁ ଟ. 2,00,000- ପ୍ରଦାନ କରିବାକୁ ପ୍ରତିପକ୍ଷ ସଂଖ୍ୟା 1 କୁ ନିର୍ଦ୍ଦେଶ ଦେଇଥିବା ଆକ୍ଷେପିତ ଆଦେଶ ପାରିତ କରିଛନ୍ତି ।

HIGH COURT ORISSA
सत्यमेव जयते

**III. ପ୍ରତିପକ୍ଷ ସଂଖ୍ୟା 1 ଙ୍କ ଉପସ୍ଥାପନାଗୁଡ଼ିକ:**

**12.** ଅପର ପକ୍ଷରେ, ପ୍ରତିପକ୍ଷମାନଙ୍କ ପାଇଁ ବିଜ୍ଞ ବରିଷ୍ଠ ସ୍ଥାୟୀ ଅଧିବକ୍ତା ଆନ୍ତରିକତାର ସହ ନିମ୍ନୋକ୍ତ ଉପସ୍ଥାପନାଗୁଡ଼ିକ କରିଛନ୍ତି:

**13.** ଆବେଦନକାରୀ ବର୍ତ୍ତମାନର ମାମଲାରେ ଜଡ଼ିତ ନିର୍ଣ୍ଣୟ ନେବା ପ୍ରକ୍ରିୟାରେ କୌଣସି ଦୁର୍ବଳତା ଦେଖାଇବାରେ ବିଫଳ ହୋଇଛନ୍ତି I ଆଇନରେ ଏହା ଭଲ ଭାବରେ ସ୍ଥିର ହୋଇଛି ଯେ ସାମ୍ବିଧାନିକ ରିଟ୍ ଅଧିକାରିତାର ପ୍ରୟୋଗରେ ନ୍ୟାୟିକ ସମୀକ୍ଷା ନିର୍ଣ୍ଣୟର ସଠିକତା ସମ୍ବନ୍ଧରେ ନୁହେଁ, ବରଂ କେବଳ ନିର୍ଣ୍ଣୟ ନେବା ପ୍ରକ୍ରିୟାର ସଠିକତା ସମ୍ବନ୍ଧରେ ଅନୁମତିପ୍ରାପ୍ତ I ତେଣୁ, ବର୍ତ୍ତମାନର ରିଟ୍ ଆବେଦନ ଅର୍ଥହୀନ ଅଟେ ଏବଂ ଖାରଜ ହେବା ଯୋଗ୍ୟ I

**14.** ଖାଉଟି ଅଭିଯୋଗ ସଂଖ୍ୟା 24/2021, ରାଜ୍ୟ ଖାଉଟି ବିବାଦ ପ୍ରତିକାର ଆୟୋଗ, ଓଡ଼ିଶା, କଟକ ସମ୍ମୁଖରେ ଗ୍ରହଣ ଯୋଗ୍ୟ ଅଟେ ଏବଂ ଉକ୍ତ ରାଜ୍ୟ ଆୟୋଗଙ୍କର ଏହାକୁ ଗ୍ରହଣ ଏବଂ ପରିସମାପ୍ତି କରିବାର ଅଧିକାରିତା ରହିଛି, ଯେଣୁ ବର୍ତ୍ତମାନ ମାମଲାର ତଥ୍ୟଗୁଡ଼ିକ ଏବଂ ଆଇନଗତ ସ୍ଥିତି ଦୃଷ୍ଟିରୁ, ଆବେଦନକାରୀ କେବଳ ତାଙ୍କ ମୃତ ପୁଅ ସ୍ୱର୍ଗତ ଦେବବ୍ରତ ଅମରନାଥଙ୍କ ଶ୍ରେଣୀ-I ବିଧିକ ଦାୟାଦ ଭାବରେ ବଞ୍ଚିଛନ୍ତି, ସେ ଆଇନଗତ ଭାବରେ ତାଙ୍କ ଏକମାତ୍ର ପୁଅର ଋଣ/ଦାୟିତ୍ୱ ନିର୍ବାହ ପାଇଁ ଦେୟ ରାଶି ପ୍ରଦାନ କରି ତାଙ୍କ ଏକମାତ୍ର ପୁଅର ନ୍ୟାୟସଙ୍ଗତ ଦେୟ ନିର୍ବାହ କରିବାକୁ/ଋଣ/ଦାୟିତ୍ୱ ନିର୍ବାହ କରିବାକୁ ବାଧ, ଯେହେତୁ ଆବେଦନକାରୀ ତାଙ୍କ ଏକମାତ୍ର ପୁଅ ସ୍ୱର୍ଗତ ଦେବବ୍ରତ ଅମରନାଥଙ୍କ ଏକମାତ୍ର ଜୀବିତ ଶ୍ରେଣୀ-1 ବିଧିକ ଦାୟାଦ I

**15.** ଆବେଦନକାରୀ ତାଙ୍କର ଏକମାତ୍ର ଅବିବାହିତ ପୁଅ ସ୍ୱର୍ଗତ ଦେବବ୍ରତ ଅମରନାଥଙ୍କ ଏକମାତ୍ର ଜୀବିତ ଶ୍ରେଣୀ-1 ବିଧିକ ଦାୟାଦ ହୋଇଥିବାରୁ, ନ୍ୟାୟସଙ୍ଗତ ବକେୟା ନିର୍ବାହ କରିବା ଏବଂ ତାଙ୍କ ଏକମାତ୍ର ପୁଅର ଋଣ/ଦାୟିତ୍ୱ ନିର୍ବାହ କରିବା ଆବେଦନକାରୀଙ୍କର ସତ୍ୟନିଷ୍ଠା/ଧର୍ମପରାୟଣତା ଅଟେ I

**16.** ଆବେଦନକାରୀ, ସ୍ୱର୍ଗତ ଦେବବ୍ରତ ଅମରନାଥଙ୍କ ଦ୍ୱାରା ତାଙ୍କ ଜୀବନକାଳ ମଧ୍ୟରେ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ନୟାପଲ୍ଲି, ଭୁବନେଶ୍ୱର ଶାଖାରେ ଜାରି କରାଯାଇଥିବା ଟ.25,00,000 ପାଇଁ 05.03.2021 ତାରିଖର ଚେକ୍ ସଂଖ୍ୟା 063515ରେ ଉଠାଯିବାକୁ ଥିବା ସମ୍ବନ୍ଧୀୟ, ଅଭିଯୋଗକାରୀଙ୍କ ସ୍ୱୀକୃତ ଦେୟ ପ୍ରଦାନ ନକରି ଏବଂ ଟ. 36,00,000 ପାଇଁ 03.05.2021 ତାରିଖର ଚେକ୍ ସଂଖ୍ୟା 362669 ମାଧ୍ୟମରେ ଏଚଡିଏଫସି ବ୍ୟାଙ୍କ, ଶଙ୍କର ସିନେମା ରୋଡ୍, ଅନୁଗୁଳ ଶାଖାରେ ସ୍ୱର୍ଗତ ଦେବବ୍ରତ ଅମରନାଥଙ୍କ ଉପରୋକ୍ତ ବକେୟା ରାଶିର ଆଂଶିକ ଦେୟ ପାଇଁ ଏବଂ ଆବେଦନକାରୀ ପୁଅ ଦେବବ୍ରତ ଅମରନାଥଙ୍କ ଦ୍ୱାରା ପ୍ରତିପକ୍ଷ ସଂଖ୍ୟା1ଙ୍କ ସପକ୍ଷରେ ପୂର୍ବୋକ୍ତ ଅଗ୍ରାହ୍ୟ ଚେକ୍ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଅନୁଗୁଳ ଶାଖାରେ 11.05.2021 ତାରିଖର ଚେକ୍ ସଂଖ୍ୟା 188417 ମାଧ୍ୟମରେ ଉଠାଯିବାକୁ ଥିବା ଟ.35,00,000 ସମ୍ବନ୍ଧରେ ଋଣର ଆଂଶିକ ଦେୟ/ଋଣ ବିମୁକ୍ତ/ଦାୟିତ୍ୱ ସମ୍ବନ୍ଧରେ ଅଭିଯୋଗକାରୀଙ୍କର

HIGH COURT ORISSA

ବକେୟା ପଇଠ ପାଇଁ ଜାରି କରଯାଇଥିବା ରାଶି ପ୍ରଦାନ ନକରି, ଆବେଦନକାରୀଙ୍କ ଉପଭୋକ୍ତା ସୁରକ୍ଷା ଅଧିନିୟମ, 2019ର ଧାରା-2(47)ର ଅର୍ଥ ମଧ୍ୟରେ ଅବହେଳା, ସେବାର ନ୍ୟୁନତା ଏବଂ "ଅନୁଚିତ ବାଣିଜ୍ୟ ଅଭ୍ୟାସ" ପ୍ରଦର୍ଶନ କରିଛନ୍ତି, ଯେଉଁଥିପାଇଁ ଆବେଦନକାରୀଙ୍କ ସେବାରେ ଉପରୋକ୍ତ ଅବହେଳା ଏବଂ ନ୍ୟୁନତା ହେତୁ ଅଭିଯୋଗକାରୀ ଭୋଗିଥିବା ସମସ୍ତ କ୍ଷତି ଏବଂ ଆଘାତ ପାଇଁ ଉପଭୋକ୍ତା ସୁରକ୍ଷା ଆଇନ, 2019ର ଧାରା-39 ଅନ୍ତର୍ଗତ ସୂଚିତ ଅନ୍ୟାନ୍ୟ ପ୍ରତିକାର ସହିତ କ୍ଷତିପୂରଣ ଏବଂ ଟଙ୍କା ପାଇବାକୁ ହକଦାର ଅଟନ୍ତି ।

**17.** ବର୍ତ୍ତମାନର ମାମଲାରେ, ଆଇନଗତ ସ୍ଥିତିକୁ ଦୃଷ୍ଟିରେ ରଖି ଆବେଦନକାରୀ ତାଙ୍କ ଏକମାତ୍ର ମୃତକ ପୁଅ ସ୍ୱର୍ଗତ ଦେବବ୍ରତ ଅମରନାଥଙ୍କ ଜୀବିତ ଶ୍ରେଣୀ-1 ବିଧିକ ଦାୟାଦ ହୋଇଥିବାରୁ, ଆବେଦନକାରୀ ବିଧିଗତ ଭାବରେ ତାଙ୍କ ଏକମାତ୍ର ପୁଅ, ଅର୍ଥାତ୍ ଦେବବ୍ରତ ଅମରନାଥଙ୍କ ଋଣ/ଦାୟିତ୍ୱ ନିର୍ବାହ କରିବା ପାଇଁ ଦେୟ ରାଶିର ପରିଶୋଧ/ସମ୍ପନ୍ନ କରିବାକୁ ବାଧ୍ୟ ।

**18.** ଅଭିଯୋଗକାରୀ ଏବଂ ପ୍ରତିପକ୍ଷ ସଂଖ୍ୟା 1/ରିଟ୍ ଆବେଦନକାରୀଙ୍କର ଏକମାତ୍ର ପୁତ୍ରଙ୍କ ମଧ୍ୟରେ ହୋଇଥିବା ବ୍ୟବସ୍ଥାକୁ, ପ୍ରତିପକ୍ଷ ସଂଖ୍ୟା 1 ଅର୍ଥାତ୍ ଅମରନାଥ ପ୍ରଧାନଙ୍କ ଦୃଷ୍ଟିକୁ ଅଣାଯାଇଥିଲା, ଯିଏ ମଧ୍ୟ ପ୍ରତିପକ୍ଷ ସଂଖ୍ୟା 1 ପୁଅଙ୍କ ଦ୍ୱାରା ଅର୍ଥ ବଦଳରେ ସାମଗ୍ରୀ ଯୋଗାଇବା ପ୍ରସଙ୍ଗରେ ଆଗକୁ ବଢ଼ିବା ପାଇଁ ସ୍ୱୀକୃତି ଏବଂ ସବୁଜ ସଙ୍କେତ ଦେଇଥିଲେ ଏବଂ ଅଭିଯୋଗକାରୀଙ୍କ ବ୍ୟବସାୟକୁ ସୁରୁଖୁରୁରେ ଚଳାଇବା ପାଇଁ ତାଙ୍କର ଏକ ମାତ୍ର ପୁତ୍ର ଦେବବ୍ରତ ଅମରନାଥଙ୍କୁ ଯିଏ ରିଟ୍ ଅଭିଯୋଗକାରୀଙ୍କର ନିକଟତମ ବନ୍ଧୁ ଥିଲେ, ଭଡ଼ାରେ ଯନ୍ତ୍ରପାତି ଯୋଗାଇବା ପାଇଁ କହିଥିଲେ ।

**19.** ଉପରୋକ୍ତ ତଥ୍ୟ ଏବଂ ପରିସ୍ଥିତିକୁ ଦୃଷ୍ଟିରେ ରଖି, ରିଟ୍ ଆବେଦନକାରୀ ପ୍ରତିପକ୍ଷ ସଂଖ୍ୟା1ଙ୍କର ପୁତ୍ର ଦେବବ୍ରତ ଅମରନାଥ ଅଭିଯୋଗକାରୀ /ପ୍ରତିପକ୍ଷ ସଂଖ୍ୟା 1ଙ୍କୁ ତାଙ୍କ ଦ୍ୱାରା ପରବର୍ତ୍ତୀ କାଳରେ ଖର୍ଚ୍ଚ ଭରଣ ପାଇଁ ଦିଆଯାଇଥିବା 10.00 ଲକ୍ଷ ଟଙ୍କା ବାବଦରେ କିଛି ସାମଗ୍ରୀ ଯାହାର ମୂଲ୍ୟ 10.00 ଲକ୍ଷ ଟଙ୍କା ହେବ, ପ୍ରଦାନ କରିଥିଲେ । ଅଭିଯୋଗକାରୀ /ପ୍ରତିପକ୍ଷ ସଂଖ୍ୟା 1 ମଧ୍ୟ ବିଭିନ୍ନ ସମୟରେ ତାଙ୍କ ପତ୍ନୀଙ୍କ ଆକାଉଣ୍ଟ ମାଧ୍ୟମରେ ଉଲ୍ଲେଖ ଯୋଗ୍ୟ ଅର୍ଥ ପ୍ରଦାନ କରିଛନ୍ତି ।

**20.** ରିଟ୍ ଆବେଦନକାରୀଙ୍କ ଏକମାତ୍ର ପୁଅ ଦେବବ୍ରତ ଅମରନାଥ ନିୟମିତ ଭାବରେ ଅଭିଯୋଗକାରୀଙ୍କୁ ତାଙ୍କର ଦେୟ ବଦଳରେ ବିପୁଳ ପରିମାଣର ବିଭିନ୍ନ ସାମଗ୍ରୀ ଯୋଗାଉଥିଲେ ଏବଂ ନିୟମିତ ଭାବରେ ଅଭିଯୋଗକାରୀଙ୍କ ରାଶିର ସମଯୋଜନ କରୁଥିଲେ ।

**21.** ପରବର୍ତ୍ତୀ ସମୟରେ, ସାମଗ୍ରୀର ମୂଲ୍ୟ ପାଇଁ ପ୍ରଦତ୍ତ ଅର୍ଥ ଜମି ରହିଲା ଏବଂ ଅଭିଯୋଗକାରୀଙ୍କ ଦ୍ୱାରା ରିଟ୍ ଆବେଦନକାରୀଙ୍କ ପୁଅ ଦେବବ୍ରତ ଅମରନାଥଙ୍କୁ ଅଧିକ ଦେୟ ଦିଆଯାଇଥିଲା, ଯିଏ ପ୍ରତିଶ୍ରୁତି ପାଳନ କରିବାରେ ବିଫଳ ହୋଇଥିଲେ ଏବଂ ଅଭିଯୋଗକାରୀଙ୍କୁ ସମୟାତିକ୍ରାନ୍ତ ରାଶିର ବିଭିନ୍ନ ତାରିଖ ସହିତ ଜଡ଼ିତ ଦେଣନେଣର ଅର୍ଥ ଯାହା ଆବେଦନକାରୀଙ୍କ ଜ୍ଞାତସାରରେ ଥିଲା ପ୍ରଦାନ କରିପାରିନଥିଲେ ।

**22.** ଅଭିଯୋଗକାରୀ/ପ୍ରତିପକ୍ଷ ସଂଖ୍ୟା 1, ସାମଗ୍ରୀ ଯୋଗାଇ ଦେବାର ମୂଲ୍ୟ ପାଇଁ "ଅରୋ ଇନଫ୍ରାଷ୍ଟ୍ରକ୍ଟରସ୍" ଠାରୁ ସାମଗ୍ରୀ ଯୋଗାଇଦେବା ପାଇଁ ଦିଆଯାଇଥିବା ଅଧିକ ମୂଲ୍ୟ ବାବଦରେ, ବିଭିନ୍ନ ସମୟରେ ମୋଟ ଟ.26,69,900.00 (ଛବିଶ ଲକ୍ଷ ଅଣସ୍ତରୀ ହଜାର ନଅ ଶହ ଟଙ୍କା) ମାତ୍ର, ଅର୍ଥ ଦେବବ୍ରତ ଅମରନାଥଙ୍କ ଠାରୁ ଗ୍ରହଣ କରିଥିଲେ । ଅଭିଯୋଗକାରୀ/ପ୍ରତିପକ୍ଷ ସଂଖ୍ୟା 1 ଦେବବ୍ରତ ଅମରନାଥଙ୍କ ଠାରୁ ମୋଟ ଟଙ୍କା 1,03,08,600.00, ମାତ୍ର ତାଙ୍କର ଦେୟ ବାବଦକୁ ପାଇବେ ।

**23.** ଯେତେବେଳେ ଦେବବ୍ରତ ଅମରନାଥ ଅଭିଯୋଗକାରୀଙ୍କୁ ସମସ୍ତ ରାଶି ପ୍ରଦାନ କରିବାରେ ବିଫଳ ହୋଇଥିଲେ, ସେ ସ୍ୱେଚ୍ଛାରେ ଟ.25,00,000/- (ପଚିଶ ଲକ୍ଷ ଟଙ୍କା), ଟ. 36,00,000-(36 ଲକ୍ଷ ଟଙ୍କା), ଏବଂ ଟ. 35,00,000/- (35 ଲକ୍ଷ ଟଙ୍କା), ମୋଟ ଟ.96,00,000/- (96 ଲକ୍ଷ ଟଙ୍କା),ମୂଲ୍ୟର ତିନୋଟି ଆଗିଲା ତାରିଖଯୁକ୍ତ ଚେକ୍ ଅଭିଯୋଗକାରୀ/ପ୍ରତିପକ୍ଷ ସଂଖ୍ୟା 1ଙ୍କୁ ପ୍ରଦାନ କରାଯିବାକୁ ଥିବା ଉପରୋକ୍ତ ପରିମାଣର ଦେୟ ସୁନିଶ୍ଚିତ କରିବା ପାଇଁ ପ୍ରଦାନ କରିଥିଲେ ଏବଂ 14.10.2020 ରେ ସେ ବଳକା ରାଶି ଟ.24,49,000/- (ଚବିଶ ଲକ୍ଷ ଅଣଚାଶ ହଜାର ଟଙ୍କା) 21.10.2020 ରେ ପରିଶୋଧ କରିବାକୁ ପ୍ରତିଶ୍ରୁତି ଦେଇଥିଲେ, ଯାହା ସେ "ଅରୋ ଇନଫ୍ରାଷ୍ଟ୍ରକଚର୍ସ" ନାମରେ ପ୍ରଦାନ କରାଯିବାକୁ ଥିବା "ନ୍ୟାସନାଲ ବିଲଡିଂ କନଷ୍ଟ୍ରକସନ କର୍ପୋରେସନ ଲିମିଟେଡ"ରୁ ପ୍ରାପ୍ତ କରିବେ, ସେଥିରୁ ଦେବେ ଏବଂ ସେ ମହାରାଷ୍ଟ୍ର ବ୍ୟାଙ୍କରୁ ତାଙ୍କର ସି.ସି. ଟପଅପ ଋଣ 24 ଅକ୍ଟୋବର, 2020 ସୁଦ୍ଧା ମଧ୍ୟ ପାଇଯିବେ ।

**24.** ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ନୟାପଲ୍ଲୀ, ଭୁବନେଶ୍ୱର ଶାଖା ନାମରେ ଜାରି କରାଯାଇଥିବା ଟ.25,00,000/- (ପଚିଶ ଲକ୍ଷ ଟଙ୍କା)ର 05.03.2021 ତାରିଖ ବିଶିଷ୍ଟ ଆଗିଲା ତାରିଖଯୁକ୍ତ ଚେକ ସଂଖ୍ୟା 063515 ଯାହା ସ୍ୱର୍ଗତ ଦେବବ୍ରତ ଅମରନାଥଙ୍କ ଦ୍ୱାରା ତାଙ୍କ ଜୀବନକାଳ ମଧ୍ୟରେ, ସ୍ୱୀକୃତ ବକେୟା/ଋଣର ବିମୁକ୍ତ/ଦାୟିତ୍ୱ ବହନ ପାଇଁ ଅଭିଯୋଗକାରୀଙ୍କ ସପକ୍ଷରେ ଦିଆଯାଇଥିଲା, ତାହା 05.03.2021 ରେ ଅଭିଯୋଗକାରୀ କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍, ସହିଦ ନଗର ଶାଖା, ଭୁବନେଶ୍ୱରରେ ସଂଗ୍ରହ ପାଇଁ ଉପସ୍ଥାପିତ କରିଥିଲେ ଏବଂ ଉକ୍ତ 063515 ସଂଖ୍ୟା ବିଶିଷ୍ଟ ଚେକ୍ 05.03.2021 ତାରିଖରେ "ଅପ୍ରଚୁର ପାଣ୍ଠି" ଉଲ୍ଲେଖ ଆଧାରରେ ପୈଠ ନକରାଯାଇ ଉକ୍ତ ବ୍ୟାଙ୍କ ଦ୍ୱାରା ଅଗ୍ରାହ୍ୟ/ଫେରସ୍ତ କରାଯାଇଥିଲା, ଯାହା ବ୍ୟାଙ୍କ ଦ୍ୱାରା ଉଲ୍ଲିଖିତ ଏବଂ ଅଭିଯୋଗକାରୀ/ପ୍ରତିପକ୍ଷ ସଂଖ୍ୟା 1ଙ୍କୁ ସୂଚିତ କରାଯାଇଥିଲା ।

**25.** ସେହିପରି ତା 03.05.2021 ରିଖରେ, ଦେବବ୍ରତ ଅମରନାଥ, ଆଂଶିକ ଦେୟ/ଋଣ/ଦାୟିତ୍ୱ ମୁକ୍ତି ନିମିତ୍ତ ଅଭିଯୋଗକାରୀଙ୍କ ପକ୍ଷେ ଆଗିଲା ତାରିଖଯୁକ୍ତ ଚେକ୍ ଯାହାର ମୂଲ୍ୟ ଟ. 36,00,000/-(36 ଲକ୍ଷ ଟଙ୍କା) ଏବଂ କ୍ରମିକ ସଂଖ୍ୟା-362669 ଥିଲା ଯାହା ଏଚ୍.ଡି.ଏଫ୍.ସି. ବ୍ୟାଙ୍କ, ଶଙ୍କର ସିନେମା ରୋଡ୍, ଅନୁଗୁଳ ଶାଖା ଉପରେ ଜାରି କରିଥିଲେ, ତାହାକୁ ଅଭିଯୋଗକାରୀ 03.05.2021 ତାରିଖ ଦିନ ସହିଦ ନଗର କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ୍ ଶାଖାରେ

ଉଠାଣ ପାଇଁ ଉପସ୍ଥାପିତ କରିଥିଲେ ଏବଂ ତାହା "ଅନ୍ୟାନ୍ୟ-ଗ୍ରାହକ ମୃତ" ଆଧାରରେ ପୈଠ ନକରାଯାଇ ଉକ୍ତ ବ୍ୟାଙ୍କ ଦ୍ୱାରା ଅଗ୍ରାହ୍ୟ/ଫେରସ୍ତ କରାଯାଇଥିଲା ଏବଂ ତାହା ବ୍ୟାଙ୍କ ଦ୍ୱାରା ଉଲ୍ଲେଖ କରାଯାଇ ଅଭିଯୋଗକାରୀଙ୍କୁ ଅବଗତ କରାଯାଇଥିଲା । ସେହିଭଳି, ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଅନୁଗୁଳ ଶାଖାରେ ଉଠାଯିବାକୁ ଥିବା ଟ.35,00,000 (ପଇଁତିରିଶ ଲକ୍ଷ ଟଙ୍କା) ପାଇଁ 11.05.2021 ତାରିଖରେ 188417 ସଂଖ୍ୟା ବିଶିଷ୍ଟ ଆଗିଲା ତାରିଖଯୁକ୍ତ ଚେକ୍, ଯାହା ରିଟ୍ ଆବେଦନକାରୀଙ୍କ ପୁଅ ଦେବବ୍ରତ ଅମରନାଥଙ୍କ ଦ୍ୱାରା ଅଭିଯୋଗକାରୀଙ୍କ ସପକ୍ଷରେ ତାଙ୍କ ବକେୟାର ଆଂଶିକ ଦେୟ/ଋଣର ବିମୁକ୍ତ/ ଦାୟିତ୍ୱ ନିର୍ବାହ କରିବା ପାଇଁ ଜାରି କରାଯାଇଥିଲା, ଅଭିଯୋଗକାରୀଙ୍କ ଦ୍ୱାରା 12.05.2021 ତାରିଖରେ କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍, ସହିଦ ନଗର ଶାଖା, ଭୁବନେଶ୍ୱରରେ ସଂଗ୍ରହ ପାଇଁ ଉପସ୍ଥାପନ କରାଯାଇଥିଲା ଏବଂ ଉକ୍ତ 188417 ସଂଖ୍ୟା ବିଶିଷ୍ଟ ଚେକ୍ 11.05.2021 ତାରିଖରେ 'ଅପ୍ରଚୁର ପାଣ୍ଠି' ଉଲ୍ଲେଖ ଆଧାରରେ ପୈଠ ନକରାଯାଇ ଉକ୍ତ ବ୍ୟାଙ୍କ ଦ୍ୱାରା ଅଗ୍ରାହ୍ୟ/ଫେରସ୍ତ କରାଯାଇଥିଲା, ଯାହା ବ୍ୟାଙ୍କ ଦ୍ୱାରା ଉଲ୍ଲେଖ କରାଯାଇ ଅଭିଯୋଗକାରୀଙ୍କୁ ସୂଚିତ କରାଯାଇଥିଲା ।

**26.** ପ୍ରତିପକ୍ଷ ସଂଖ୍ୟା 1/ରିଟ୍ ଆବେଦନକାରୀଙ୍କର ଏକମାତ୍ର ପୁତ୍ରଙ୍କ ଦ୍ୱାରା ଜାରି କରାଯାଇଥିବା 05.03.2021 ତାରିଖର 063515 ସଂଖ୍ୟା ବିଶିଷ୍ଟ ଟ.25,00,000/-(ପଚିଶ ଲକ୍ଷ ଟଙ୍କା)ର ଚେକ୍, 03.05.2021 ତାରିଖର ଟ.36,00,000/-(ଛତିଶ ଲକ୍ଷ ଟଙ୍କା) ପାଇଁ 362669 ସଂଖ୍ୟା ବିଶିଷ୍ଟ ଆଗିଲା ତାରିଖଯୁକ୍ତ ଚେକ୍, 11.05.2021 ତାରିଖର ଟ.35,00,000/- (ପଇଁତିରିଶ ଲକ୍ଷ ଟଙ୍କା) ପାଇଁ 188417 ସଂଖ୍ୟା ବିଶିଷ୍ଟ ଆଗିଲା ତାରିଖଯୁକ୍ତ ଚେକ୍ ଗୁଡ଼ିକର ଅଗ୍ରାହ୍ୟ ସମ୍ବନ୍ଧରେ, , ଟ.25,00,000/- (ପଚିଶ ଲକ୍ଷ ଟଙ୍କା), ଟ.36,00,000/-(ଛତିଶ ଲକ୍ଷ ଟଙ୍କା) ଏବଂ ଟ.35,00,000/- (ପଇଁତିରିଶ ଲକ୍ଷ ଟଙ୍କା) ଦାବିକରି, ବିନିମୟଯୋଗ୍ୟ ଦଲିଲ ଅଧିନିୟମ, 1881ର ଧାରା 138(b) ଅନୁସାରେ ଅଭିଯୋଗକାରୀଙ୍କ ତରଫରୁ ଶ୍ରୀ ଅମରନାଥ ପ୍ରଧାନଙ୍କୁ(ରିଟ୍ ଆବେଦନକାରୀ) ଯିଏ କେବଳ ଦେବବ୍ରତ ଅମରନାଥଙ୍କ ପିତା ନୁହଁନ୍ତି, ବରଂ ତାଙ୍କ ଶ୍ରେଣୀ-1 ବିଧିକ ଦାୟାଦ ମଧ୍ୟ, ତିନୋଟି ନୋଟିସ୍ ଜାରି କରାଯାଇଥିଲା, ଯେହେତୁ ସ୍ୱର୍ଗତ ଦେବବ୍ରତ ଅମରନାଥଙ୍କ ମୃତ୍ୟୁ ପରେ ଅମରନାଥ ପ୍ରଧାନ(ପ୍ରତିପକ୍ଷ ସଂଖ୍ୟା 1/ଆବେଦନକାରୀ) ତାଙ୍କର ଏକମାତ୍ର ଜୀବିତ ଶ୍ରେଣୀ-1 ବିଧିକ ଦାୟାଦ ଥିଲେ ।

**27.** ଅଭିଯୋଗକାରୀ/ପ୍ରତିପକ୍ଷ ସଂଖ୍ୟା 1, ପ୍ରତିପକ୍ଷ ସଂଖ୍ୟା 1/ରିଟ୍ ଆବେଦନକାରୀଙ୍କୁ ଅନେକ ଥର ଭେଟିଥିଲେ ଏବଂ ତାଙ୍କୁ ଅନୁରୋଧ କରିଥିଲେ ଯେ, ସେ ତାଙ୍କ ଏକମାତ୍ର ପୁଅର ଜୀବିତ ଶ୍ରେଣୀ-1 ବିଧିକ ଦାୟାଦ ହୋଇଥିବାରୁ ତାଙ୍କ ପୁଅର ଦେୟ ପ୍ରଦାନ କରନ୍ତୁ । ପ୍ରତିପକ୍ଷ ସଂଖ୍ୟା 1/ରିଟ୍ ଆବେଦନକାରୀ, ଅଭିଯୋଗକାରୀ/ପ୍ରତିପକ୍ଷ ସଂଖ୍ୟା 1ଙ୍କ ଦ୍ୱାରା ତାଙ୍କ ମୃତ ପୁଅକୁ ପ୍ରଦାନ କରାଯାଇଥିବା ମୋଟ ରାଶିର ଏକ ବିବରଣୀ ତାଙ୍କୁ ଦେବା ପାଇଁ ଅଭିଯୋଗକାରୀ/ପ୍ରତିପକ୍ଷ ସଂଖ୍ୟା 1ଙ୍କୁ, ଅନୁରୋଧ କରିଥିଲେ, ଯାହା ଦ୍ୱାରା ସେ ଅର୍ଥର ବ୍ୟବସ୍ଥା କରିବେ ଏବଂ ଅଭିଯୋଗକାରୀଙ୍କର ସମସ୍ତ ବକେୟା ପରିଶୋଧ କରିବେ । ତଦନୁସାରେ, 15.05.2021 ତାରିଖରେ

ଅଭିଯୋଗକାରୀ  ସ୍ୱର୍ଗତ ଦେବବ୍ରତ ଅମରନାଥଙ୍କ ଠାରୁ ଅଭିଯୋଗକାରୀ/ପ୍ରତିପକ୍ଷ ସଂଖ୍ୟା 1ଙ୍କ ଦ୍ୱାରା ପ୍ରାପ୍ତ ହେବାକୁ ଥିବା ସମ୍ପୂର୍ଣ୍ଣ ରାଶିର ବିବରଣୀ ପ୍ରତିପକ୍ଷ ସଂଖ୍ୟା 1/ରିଟ୍ ଆବେଦନକାରୀଙ୍କୁ ପ୍ରଦାନ କରିଥିଲେ ।

**28.** ଯଦିଓ ପ୍ରତିପକ୍ଷ ସଂଖ୍ୟା 1/ରିଟ୍ ଆବେଦନକାରୀ, ଅଭିଯୋଗକାରୀ ତାଙ୍କ ପୁଅ ଦ୍ୱାରା ପ୍ରଦାନ କରାଯିବାକୁ ଥିବା ସମ୍ପୂର୍ଣ୍ଣ ରାଶି ପରିଶୋଧ କରିବାକୁ ପ୍ରତିଶୃତି ଦେଇଥିଲେ, କିନ୍ତୁ ପରବର୍ତ୍ତୀ ସମୟରେ 04.05.2021 ରେ ସେ ତାହା ଦେବାକୁ ମନା କରିଦେଇଥିଲେ । ଉପରୋକ୍ତ ବକେୟା ଦେୟ ପରିଶୋଧ ନକରିବା ଏବଂ ରିଟ୍ ଆବେଦନକାରୀଙ୍କ ସେବାରେ ତ୍ରୁଟି ପାଇଁ ରିଟ୍ ଆବେଦନକାରୀଙ୍କ ଉପରୋକ୍ତ ଅବହେଳା ହେତୁ,  ପ୍ରତିପକ୍ଷ ସଂଖ୍ୟା 1 ମାନସିକ ଚାପ ଏବଂ ଆଘାତ/ଯନ୍ତ୍ରଣା ଭୋଗିଛନ୍ତି ଯାହା ଅଭିଯୋଗକାରୀ/ପ୍ରତିପକ୍ଷ ସଂଖ୍ୟା 1 ଆକଳନ କରି ମୋଟ 2,00,000/-ଟଙ୍କା କ୍ଷତିପୂରଣ ଦାବି କରିଛନ୍ତି ଏବଂ ତା ସହିତ ସେ ସ୍ୱୀକୃତ ବକେୟା ବାବଦ ଟ. 1,03,08,600/- ଗ୍ରହଣ କରିବାକୁ ହକଦାର । ଅଭିଯୋଗକାରୀ/ପ୍ରତିପକ୍ଷ ସଂଖ୍ୟା 1, ରିଟ୍ ଆବେଦନକାରୀଙ୍କଠାରୁ, ଯିଏ ସି. ସି. ମାମଲା ସଂଖ୍ୟା 24/2021ରେ ପ୍ରତିପକ୍ଷ ସଂଖ୍ୟା 1 ଥିଲେ, ମୋଟ 1,05,08,600/-ଟଙ୍କା ପାଇବାର ଦାବି କରିଥିଲେ ।

**29.** ତେବେ, ସି.ସି. ମାମଲା ସଂଖ୍ୟା 24/2021ରେ ରାଜ୍ୟ ଆୟୋଗଙ୍କ ଦ୍ୱାରା ପାରିତ 22.06.2023ର ଆଦେଶରେ ରିଟ୍ ଆବେଦନକାରୀ/ପ୍ରତିପକ୍ଷମାନଙ୍କୁ, ଅଭିଯୋଗକାରୀ/ପ୍ରତିପକ୍ଷ ସଂଖ୍ୟା 1ଙ୍କୁ 45 ଦିନ ମଧ୍ୟରେ କ୍ଷତିପୂରଣ ବାବଦକୁ ମୋଟ 96,00,000/- ଟଙ୍କା ପରିଶୋଧ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି, ଯେଉଁଥିରେ ବିଫଳ ହେଲେ, ବାର୍ଷିକ 9% ସୁଧ ସହିତ ଦେୟ ହେବା ଉଲ୍ଲେଖ କରିଥିଲେ । ଆହୁରି ରାଜ୍ୟ ଆୟୋଗ ପ୍ରତିପକ୍ଷମାନଙ୍କୁ ମିଳିତ ଏବଂ ପୃଥକ୍ ଭାବରେ ଉପରୋକ୍ତ 45 ଦିନର ଅବଧି ମଧ୍ୟରେ ଅଭିଯୋଗକାରୀଙ୍କୁ ମାନସିକ ଯନ୍ତ୍ରଣା ପାଇଁ ଟ.2,00,000/- (ଦୁଇ ଲକ୍ଷ ଟଙ୍କା) କ୍ଷତିପୂରଣ ଦେବାକୁ ଉତ୍ତରଦାୟୀ ହେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ଯେ, ଯଦି ଉପରୋକ୍ତ 45 ଦିନ ମଧ୍ୟରେ ସମସ୍ତ ଦେୟ ପ୍ରଦାନ ନକରନ୍ତି, ତେବେ ଅଭିଯୋଗ ଦାଖଲ ତାରିଖ ଠାରୁ ପଇଠ ତାରିଖ ପର୍ଯ୍ୟନ୍ତ ସେମାନେ 12% ପ୍ରତିଶତ ସୁଧ ବହନ କରିବେ ।

**30.** ଅଭିଯୋଗକାରୀଙ୍କ ବକେୟା ପରିଶୋଧ କରିବାର ସେବାରେ ଅବହେଳା ପାଇଁ ବର୍ତ୍ତମାନର ରିଟ୍ ଆବେଦନକାରୀ, ଅଭିଯୋଗକାରୀ/ପ୍ରତିପକ୍ଷ ସଂଖ୍ୟା 1 ଙ୍କର ବକେୟା ପରିଶୋଧ କରିବାକୁ ଉତ୍ତରଦାୟୀ ହେବେ, ରିଟ୍ ଆବେଦନକାରୀ ଶ୍ରୀ ଅମରନାଥ ପ୍ରଧାନଙ୍କ ଏକମାତ୍ର ପୁତ୍ର ସ୍ୱର୍ଗତ ଦେବବ୍ରତ ଅମରନାଥଙ୍କ ଏକମାତ୍ର ଜୀବିତ ଶ୍ରେଣୀ-1 ବିଧିକ ଦାୟାଦ ଅଟନ୍ତି । ପ୍ରତିପକ୍ଷ ସଂଖ୍ୟା 1 ଏବଂ ମୃତକ ଦେବବ୍ରତ ଅମରନାଥ ଯୌଥ ପରିବାରର ସଦସ୍ୟ ହୋଇଥିବାରୁ ଅଭିଯୋଗକାରୀଙ୍କ ପାଇଁ ପ୍ରଶ୍ନ କରାଯାଇଥିବା ଉପଭୋକ୍ତା ଅଭିଯୋଗରେ ସେବା ପ୍ରଦାନକାରୀ ଅଟନ୍ତି, ଲିଖିତ ବିବୃତ୍ତି/ଲିଖିତ ବୟାନରୁ ଏହି ତଥ୍ୟ ସ୍ପଷ୍ଟ ହୋଇଛି, ଯେଉଁଠାରେ ରିଟ୍ ଆବେଦନକାରୀ ସ୍ୱୀକାର କରିଛନ୍ତି ଯେ, ସେ ଦେବବ୍ରତଙ୍କ ମୃତ୍ୟୁ ପରେ ପ୍ରତିପକ୍ଷ ସଂଖ୍ୟା 3ଙ୍କର ପରିଚାଳନା କରୁଛନ୍ତି, ଯେହେତୁ ଲିଖିତ ବିବୃତ୍ତି/ଲିଖିତ ବୟାନରେ ଉକ୍ତ ତଥ୍ୟକୁ ବିଶେଷ ଭାବରେ ଅସ୍ୱୀକାର କରାଯାଇ ନାହିଁ, ଯାହା ଅନତିକ୍ରମ ନୀତି ଉପରେ ଆଧାରିତ ।



HIGH COURT ORISSA

**31.** ଆକ୍ଷେପିତ ଆଦେଶର କେଉଁ ଅନୁଚ୍ଛେଦରେ ବିଜ୍ଞ ଆୟୋଗ ଏପରି କହିଛନ୍ତି ତାହା ବ୍ୟାଖ୍ୟା ନକରି ରିଟ୍ ଆବେଦନକାରୀ କ୍ରେତା ଏବଂ ବିକ୍ରେତାଙ୍କ ମାମଲା ଆଣି ନ୍ୟାୟାଳୟକୁ ପଥଭ୍ରଷ୍ଟ କରିବାକୁ ଚେଷ୍ଟା କରିଛନ୍ତି । ଅନ୍ୟପକ୍ଷରେ, ଆକ୍ଷେପିତ ଆଦେଶର ଅନୁଚ୍ଛେଦ-14 ରେ ବିଜ୍ଞ ରାଜ୍ୟ ଆୟୋଗ ଟିପ୍ପଣୀ କରିଛନ୍ତି ଯେ ଅଭିଯୋଗକାରୀଙ୍କର, ରିଟ୍ ଆବେଦନକାରୀଙ୍କ ପୁଅ ଦେବବ୍ରତଙ୍କ ଠାରୁ ଅଧିକ ପ୍ରଦତ୍ତ ରାଶି ଫେରସ୍ତ ପାଇବାକୁ ଥିଲା ।

**32.** ଏଠାରେ ଉଲ୍ଲେଖ କରିବା ପ୍ରସଙ୍ଗୋଚିତ ଯେ, ଖାଉଟି ସୁରକ୍ଷା ଅଧିନିୟମ, 2019ର ଧାରା-100 ଅନ୍ତର୍ଗତ ବ୍ୟବସ୍ଥାଗୁଡ଼ିକ ଦୃଷ୍ଟେ, ଏହି ଅଧିନିୟମର ବ୍ୟବସ୍ଥାଗୁଡ଼ିକ ସଂପ୍ରତି ବଳବତ୍ତର ଥିବା ଅନ୍ୟ କୌଣସି ଅଧିନିୟମର ବ୍ୟବସ୍ଥାଗୁଡ଼ିକୁ  ପୁଷ୍ଟ କରିବ ସିନା ନ୍ୟୁନ କରିବ ନାହିଁ । ଏହା ଦର୍ଶାଯାଇଛି ଯେ, ରିଟ୍ ଆବେଦନର ଅନୁଚ୍ଛେଦ-11 ରେ ଉଠାଯାଇଥିବା ପ୍ରଶ୍ନ ଅଧିକାର କ୍ଷେତ୍ର ସହିତ ଜଡ଼ିତ ନୁହେଁ, କିନ୍ତୁ ସେଗୁଡ଼ିକ ତଥ୍ୟଗୁଡ଼ିକର ପ୍ରଶ୍ନ ଉପରେ ଆଧାରିତ, ଯାହାର ସମାଧାନ ସତ୍ୟତା ଅନୁସନ୍ଧାନ ପୀଠ ଦ୍ୱାରା କରାଯିବ, ପୂର୍ବବର୍ତ୍ତୀ ଅନୁଚ୍ଛେଦରେ ଦର୍ଶାଯାଇଥିବା ରିଟ୍ ଅଧିକାରିତା ଦ୍ୱାରା ନୁହେଁ ।

**IV. ନ୍ୟାୟାଳୟର ଯୁକ୍ତି ଏବଂ ବିଶ୍ଳେଷଣ:**

**33.** ଏହା ନିର୍ବିବାଦୀୟ ଯେ, ଏହି ସ୍ୱତାଧିକାରୀ ପରିଶୋଧ ନିମିତ୍ତ ବିଭିନ୍ନ ପରିମାଣର ଆଗିଲା ତାରିଖଯୁକ୍ତ 3ଟି ଚେକ୍ ଏବଂ ଭିନ୍ନ ଭିନ୍ନ ତାରିଖରେ ଜାରି କରିଥିଲେ । ଦୁର୍ଭାଗ୍ୟବଶତଃ, ଆବେଦନକାରୀଙ୍କ ପୁଅ/ ସ୍ୱତାଧିକାରୀ ଏକ ଦୁଃଖଦ କାର ଦୁର୍ଘଟଣା କାରଣରୁ ମୃତ୍ୟୁବରଣ କରିଥିଲେ । ଓ. ପି. ବ୍ୟାଙ୍କ ସମ୍ମୁଖରେ ଏହି ଆଗିଲା ତାରିଖଯୁକ୍ତ ଚେକଗୁଡ଼ିକ ଉପସ୍ଥାପନ କରିବାରୁ, "ଅପର୍ଯ୍ୟାପ୍ତ ପାଣ୍ଠି" ଏବଂ "ଅନ୍ୟ ଗ୍ରାହକ ମୃତ" ଆଧାରରେ ଅଗ୍ରାହ୍ୟ ହୋଇ ଫେରିଥିଲା । ଓ. ପି. ବିନିମୟଯୋଗ୍ୟ ବିଲେଖ ଅଧିନିୟମ 1881ର ଧାରା 138 (b) ଅନ୍ତର୍ଗତ ବର୍ତ୍ତମାନର ଆବେଦନକାରୀଙ୍କୁ ନୋଟିସ୍ ଜାରି କରିଥିଲେ । ଏହା ପରେ ଓ.ପି. ଓଡ଼ିଶାର ରାଜ୍ୟ ଖାଉଟି ବିବାଦ ପ୍ରତିକାର ଆୟୋଗଙ୍କ ସମ୍ମୁଖରେ ମୋଟ 1,05,08,600/- ଟଙ୍କା ଦାବି କରି ଅଭିଯୋଗ ମାମଲା ସଂଖ୍ୟା 24/2021 ଦାୟର କରିଥିଲେ ।

34. ଯଦିଓ ଆୟୋଗ ନିର୍ଦ୍ଦିଷ୍ଟ ଭାବେ ଜାଣିବାକୁ ପାଇଛନ୍ତି ଯେ, ଅଭିଯୋଗକାରୀ କ୍ରେତା ଏବଂ ବିକ୍ରେତାଙ୍କ ପ୍ରସଙ୍ଗରେ ମୌଳିକ କାରବାରକୁ ପ୍ରମାଣ କରିବା ପାଇଁ କୌଣସି ଦସ୍ତାବିଜ ଦାଖଲ କରିନାହାଁନ୍ତି, କିନ୍ତୁ ଦର୍ଶାଇଛନ୍ତି ଯେ, ଅଭିଯୋଗକାରୀ  ବର୍ତ୍ତମାନର ଆବେଦନକାରୀଙ୍କ ଠାରୁ, ଯିଏ ସ୍ୱର୍ଗତ ଦେବବ୍ରତ ଅମରନାଥଙ୍କ ପିତା କ୍ଷତିପୂରଣ ଦାବି କରିବାକୁ ହକଦାର । ଅଭିଯୋଗକାରୀ  ଗୋଟିଏ ବି ଫର୍ଦ କାଗଜ ଦାଖଲ କରିନାହାନ୍ତି କିମ୍ବା ଅଭିଯୋଗ ହୋଇଥିବା କାରବାର କିମ୍ବା ବ୍ୟବସାୟରେ ଆବେଦନକାରୀଙ୍କ ସମ୍ପୃକ୍ତିକୁ ଦର୍ଶାଉଥିବା କିଛି ପ୍ରମାଣ କରିନାହାନ୍ତି । ଔପଚାରିକ ପ୍ରତିପକ୍ଷ ସଂଖ୍ୟା 3ଙ୍କର ସଠିକ ବର୍ଣ୍ଣନା ହୋଇନାହିଁ । ଏହାଙ୍କୁ କେବଳ ଏକକ ସ୍ୱତ୍ୱାଧିକାରୀ ଭାବେ ବର୍ଣ୍ଣନା

କରାଯାଇଥିଲା ଏବଂ ଖାଉଟି ଅଭିଯୋଗ ଆବେଦନ ଦାଖଲ କରିବା ତାରିଖ ସୁଦ୍ଧା ଉକ୍ତ ସ୍ୱତ୍ୱାଧିକାରୀଙ୍କର ମୃତ୍ୟୁ ହୋଇସାରିଥିଲା ।

35. ଏହି ମାମଲାରେ ସମ୍ପୃକ୍ତ ଆଧିକାରିତାକୁ ନେଇ ଏକ ଗମ୍ଭୀର ପ୍ରସଙ୍ଗ ରହିଛି । ଅଭିଯୋଗକାରୀ ଏବଂ ପ୍ରତିପକ୍ଷ ସଂଖ୍ୟା 1 ମଧ୍ୟରେ କୌଣସି ବ୍ୟବସାୟିକ କାରବାର ହୋଇଛି ବୋଲି ପ୍ରମାଣ କରିବାରେ ଅଭିଯୋଗକାରୀ ବିଫଳ ହେବା ପରେ, ବର୍ତ୍ତମାନର ଆବେଦନକାରୀଙ୍କର ପରାର୍ଥ ଦାୟିତ୍ୱ ଥିବା ପରି ପ୍ରଶ୍ନର ନିର୍ଣ୍ଣୟ କରିବା ପାଇଁ ଖାଉଟି ଆୟୋଗ ଏକ ବିଚାରପୀଠ ହୋଇନପାରେ । ରାଜ୍ୟ ଖାଉଟି ଆୟୋଗ ସମ୍ପୂର୍ଣ୍ଣ ଭାବେ ଅଧିକାର କ୍ଷେତ୍ର ରହିତ ହୋଇ ଉଭୟ ଲିଖିତ ବିବୃତି ଏବଂ ରିଟ୍ ଆବେଦନରେ ଉଠାଯାଇଥିବା ଉପରୋକ୍ତ ମୌଳିକ ପ୍ରସଙ୍ଗକୁ ଅଣଦେଖା କରି ଏବଂ ଉତ୍ତର ନଦେଇ ଚୁକ୍ତିଭିତ୍ତିକ ରାୟ ଉପରେ ଦରଖାସ୍ତକୁ ଗ୍ରହଣ କରିଛନ୍ତି । ତେଣୁ, ଏକ ବିକଳ୍ପ ପ୍ରତିକାରର ଉପଲବ୍ଧତା ଏହି ନ୍ୟାୟାଳୟ ପାଇଁ ଏକ ଆଦେଶ ପାରିତ କରିବାରେ ପ୍ରତିବନ୍ଧକ ହେବ ନାହିଁ ।

36. ଉପରୋକ୍ତ ଆଲୋଚନା ପକ୍ଷେ, ଏହି ନ୍ୟାୟାଳୟ, ସଭାପତି, ରାଜ୍ୟ ଖାଉଟି ବିବାଦ ପ୍ରତିକାର ଆୟୋଗ, ଓଡ଼ିଶା, କଟକ ଦ୍ୱାରା ସି.ସି.ମାମଲା ସଂଖ୍ୟା 24/2021ରେ ପାରିତ ହୋଇଥିବା 22.06.2023 ତାରିଖର ଆଦେଶ ରଦ୍ଦ କରିବା କରିବାକୁ ଆଗ୍ରହୀ । ତେଣୁ ରିଟ୍ ଆବେଦନକୁ ଅନୁମତି ଦିଆଗଲା । ବିବାଦର ସମାଧାନ ପାଇଁ ପ୍ରତିପକ୍ଷ ସଂଖ୍ୟା 1 ଏକ ଦେୱାନୀ ମକଦ୍ଦମା ଦାୟର କରିବା କିମ୍ବା ମଧ୍ୟସ୍ଥତା କେନ୍ଦ୍ର ନିକଟକୁ ଯିବା ପାଇଁ ସ୍ୱାଧୀନ ଅଟନ୍ତି ।

*(ଡକ୍ଟର ଏସ୍. କେ. ପାଣିଗ୍ରାହୀ)*
*ନ୍ୟାୟମୂର୍ତ୍ତି*

*ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ,*
*ତାରିଖ 20 ନଭେମ୍ବର, 2023 /*

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦକ :

**ଶ୍ରୀ ଦୀପକ କୁମାର ସାହୁ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ**